**ଖୁଆଡ଼ ଷ୍ଟାଡିୟମରେ ସାଂସଦ ଖେଳ ମହାକୁମ୍ଭ**

ଜଳେଶ୍ୱର,(ରବିନାରାୟଣ ପାତ୍ର)-ଶୁକ୍ରବାର ଜଳେଶ୍ୱର ବ୍ଲକ ଅଧୀନ ଖୁଆଡ଼ ଷ୍ଟାଡିୟମ ଓ ଚାଲନ୍ତି ଖେଳ ପଡିଆରେ ଆୟୋଜିତ ବ୍ଲକସ୍ତରୀୟ ବିଭିନ୍ନ ଖେଳ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ଯୁବନେତା ସଂଗ୍ରାମ ପରିଡ଼ା, ରତ୍ନାକର ରାୟ, ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ତପନ ବିଶ୍ୱାଳ, ତନ୍ମୟ ଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱର

## ପ୍ରାକୃତିକ କୃଷି ଦ୍ୱାରା ପରିବେଶର ସୁରକ୍ଷା ସମ୍ଭବ

ସିମୁଳିଆ,୨୩।୨(ସନ୍ତୋଷ ନାୟକ)- ପରିବେଶକୁ ସୁସ୍ଥ ରଖିବା ସହିତ କମ୍ ଖର୍ଚ୍ଚରେ ଚାଷୀମାନେ ଅଧିକ ଲାଭ ପାଇବା ଉଦ୍ଦେଶ୍ୟରେ ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପ୍ରାକୃତିକ କୃଷି ତାଲିମ ଶିବର ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସଞ୍ଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ୪୦ ଚାଷୀ ଯୋଗ ଦେଇଥିଲେ। ମୃତ୍ତିକା ବିଶେଷଜ୍ଞ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାଶ ଯୋଗଦେଇ ରାସାୟନିକ ସାର ଔଷଧ ଅପେକ୍ଷା ଦେଶୀ ଗାଈର ଗୋବର, ମୂତ୍ର ସହିତ ବିଭିନ୍ନ ପତ୍ରକୁ ବ୍ୟବହାର କରିବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାଷୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ କରାଯାଇଥିବା ଜୈବିକ କୃଷି, ଗୋବର ଓ ପତ୍ର ଦ୍ୱାରା ପ୍ରସ୍ତୁତ ନିମାସ୍ତ୍ର, ବ୍ରହ୍ମାସ୍ତ୍ର ଓ ଜୀବାମୃତ ପ୍ରସ୍ତୁତି ସମ୍ପର୍କରେ ତାଲିମ ଦିଆଯାଇଥିଲା।

## ୪୪କୋଟି ଟଙ୍କାର ଉନ୍ନୟନ ପ୍ରକଳ୍ପ ଶିଳାନ୍ୟାସ

**ନୀଳଗିରି, ୨୩।୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକର ଭିନ୍ନ ଭିନ୍ନ ସ୍ଥାନରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ନଦୀ ଉପରେ ପୋଲ ନିର୍ମାଣ ସହିତ ରାସ୍ତା ନିର୍ମାଣ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ବ୍ଲକରେ କେତୋଟି ସ୍ଥାନରେ ଗମନାଗମନରେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ବିଧାନସଭାରେ ବାରମ୍ବାର ଦାବି ଉପସ୍ଥାପନ କରୁଥିଲେ। ସରକାର ବିଧାୟକଙ୍କ ଦାବିକୁ ଯଥାର୍ଥ ଭାବି ନୀଳଗିରି ବ୍ଲକରେ ବହୁ କାର୍ଯ୍ୟକୁ ମଞ୍ଜୁର କରିଛନ୍ତି। ନୀଳଗିରିର ଉନ୍ନତି ପାଇଁ ଅର୍ଥ ଯୋଗାଇ ଦେଇଥିବାରୁ ବିଧାୟକ ଇଂ. ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତର ବେଗୁନିଆ ଯୋର ଉପରେ ସେତୁ ନିର୍ମାଣ, ମହିଷାପଟା ପଞ୍ଚାୟତ ବଣିଆଗାଁଠାରୁ ଅଯୋଧ୍ୟା ପଞ୍ଚାୟତର ଜୁଣ୍ଡୁକୋଇଲି ସୋନ ନଦୀ ଉପରେ ସେତୁ ନିର୍ମାଣ, ଅଯୋଧ୍ୟା-କାଂଶ ମଧ୍ୟରେ ପୋଲ, ସିଙ୍ଗିରି-ବରହମପୁର ପୋଲ ନିର୍ମାଣ ସହିତ ରାଧାକିଶୋରପୁର ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୪୪କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ତେବେ ଏ ସମସ୍ତ କାର୍ଯ୍ୟର ଶିଳାନ୍ୟାସ ଶୁକ୍ରବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଶିଳାନ୍ୟାସ ଉତ୍ସବରେ ୧୩ନଂ. ଜିଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଭାଜପା ଜିଲା ଉପସଭାପତି ଗଙ୍ଗାଧର ମିଶ୍ର, ତାପସ ମହାନ୍ତି, ସୁଶାନ୍ତ ଖୁଣ୍ଟିଆ, ହେମେନ୍ଦ୍ର ରାଜ, ରଜନୀ ଗିରି, ରବି ସିଂ, ଦୁଃଶାସନ ପୃଷ୍ଟି, ତାରିଣୀ ସିଂ, ଶୁକଦେବ ସିଂ, ପ୍ରଦୀପ ଦାସ, ରମେଶ ମହାନ୍ତି, ବସନ୍ତ ସିଂ, ସାବିତ୍ରୀ ସିଂ, ସତ୍ୟ ବାରିକ, ସୂର୍ଯ୍ୟକାନ୍ତ ସିଂ, ରମାକାନ୍ତ ମହାଲିକ ଓ ସାରଦା କରଙ୍କ ସମେତ ଶତାଧିକ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

## ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବାଲେଶ୍ୱର, ୨୩।୨(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଭବାନୀଶଙ୍କର ଭୂୟାଁଙ୍କୁ ଜିଲା ଖବରଦାତାମାନଙ୍କ ପକ୍ଷରୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭୂୟାଁ ଗତ ୨୦୨୨ ଅଗଷ୍ଟ ୧୭ରେ ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଯୋଗଦେଇଥିଲେ। ତାଙ୍କର କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ବଦଳି ହୋଇଛି। ବାଲେଶ୍ୱର ଜିଲାପାଳ ତାଙ୍କୁ ରିଲିଫ୍ ଦେବା ପରେ ଶୁକ୍ରବାର ସେ କଟକ କାର୍ଯ୍ୟାଳୟରେ ଯୋଗଦେବେ। ନୂତନ ଡିଆଇପିଆର୍‌ଓ ଭାବେ ଦାୟିତ୍ୱ ନେଇଥିବା ଅତିରିକ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କୁ ସ୍ୱାଗତ କରାଯାଇଥିଲା। ଏନେଇ ଜିଲା ସାମ୍ବାଦିକ ପ୍ରକୋଷ୍ଠ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ମାନସ ବିଶ୍ୱାଳ ଏହାକୁ ସଂଯୋଜନା କରିଥିଲେ। ବରିଷ୍ଠ ଖବରଦାତା ରବି ରାଉତ, ଦେବବ୍ରତ ପାଣିଗ୍ରାହୀ, ଉଜ୍ଜ୍ୱଳ କର ମଞ୍ଚାସୀନ ରହି ଡିଆଇପିଆର୍‌ଓ ଭୂୟାଁଙ୍କର କାର୍ଯ୍ୟ ସମ୍ପର୍କରେ କହିଥିଲେ। ଅବସରପ୍ରାପ୍ତ ଓଏସ୍‌ଡ଼ି ପୁରୁଷୋତ୍ତମ ସେଠୀ, ଖବରଦାତା ଉବାଚକ ମହାନ୍ତି, ରତିକାନ୍ତ ପାତ୍ର, ସନ୍ଦୀପ୍ତ ଦାସ, ବ୍ରହ୍ମାନନ୍ଦ ସ୍ୱାଇଁ, ଆଲୋକ ବାରିକ, ରବି ରଞ୍ଜନ ଦାସ, ସପନ ବିଶ୍ୱାଳ, ସେକ ହାଇଦର ବକ୍ତବ୍ୟ ରଖି ଡିଆଇପିଆର୍‌ଓ ଭୂୟାଁ ସମସ୍ତ ଖବରଦାତାଙ୍କ ସହ ଭ୍ରାତୃଭାବ ରଖି କାର୍ଯ୍ୟ କରିଆସୁଥିଲେ। ସବୁ ସମୟରେ ଖବରଦାତାମାନଙ୍କୁ ଆବଶ୍ୟକ ସୂଚନା ଦେବା ସହିତ ଜିଲାରେ ପ୍ରଶାସନ ଏବଂ ଖବରଦାତାଙ୍କ ମଧ୍ୟରେ ଏକ ସୁସ୍ଥ ବାତାବରଣର ସେତୁ ଥିଲେ। ଅଭୟ ଦାସ, କଳିଙ୍ଗ ସାହୁ, ଆଜିମ ବାଲେଶ୍ୱରୀ, ଅଜିତ ମହାନ୍ତି, ଅରୂପ ମହାନ୍ତି, ପ୍ରଦୀପ ବେରା, ଧୀରଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଡିଆଇପିଆର୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ନୀଳଗିରି ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ନୀଳଗିରି, ୨୩।୨(ପ୍ରଶାନ୍ତ ବିଶ୍ୱାଳ)- ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା ସହ ଓ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ଦେଇଆସୁଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ଶୁକ୍ରବାର ନୀଳଗିରି ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡ଼ିୟମ୍‌କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇଥିଲେ। ବାଲେଶ୍ୱର ଏଡିଏମ୍ ବିଶ୍ୱରଞ୍ଜନ ନାୟକ, ନୀଳଗିରି ଉପଜିଲାପାଳ ମନ୍ଦରଧର ମହାଲିକ, ତହସିଲଦାର ଦୀପ୍ତିମୟୀ ବେହେରା, ବିଡିଓ ରାହୁଲ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଗାଁଗହଳି ପିଲାଙ୍କ ପାଇଁ ଏହା କ୍ରୀଡାର ହବ୍ ପାଲଟିବା ସହ ପ୍ରଶିକ୍ଷକମାନେ ଏଠାରେ ନିଯୁକ୍ତି ପାଇ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବେ, ଖେଳାଳିମାନେ କ୍ରୀଡ଼ା କ୍ଷେତ୍ରରେ ଜିଲା ତଥା ରାଜ୍ୟର ନାଁ ରଖିବେ ବୋଲି ବିଧାୟକ ଇଂ. ନାୟକ କହିଥିଲେ।

## ସମାଜର ହିତ ପାଇଁ ଅଭିଜ୍ଞତା ବିତରଣ ଆବଶ୍ୟକ





ବାର୍ଷିକୋତ୍ସବରେ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକମାନେ।

**ଖଇରା,୨୩।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶିକ୍ଷକ ସଂଘ ଭବନ ପରିସରରେ ବରିଷ୍ଠ ନାଗରିକ ମଞ୍ଚର ୫ମ ବାର୍ଷିକୋତ୍ସବ ଶୁକ୍ରବାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ଶରତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ନିଜର ଅଭିଜ୍ଞତାକୁ କାମରେ ଲଗାଇବା ପାଇଁ କାର୍ଯ୍ୟ କରିବା ଦରକାର ବୋଲି କହିଥିଲେ। ଅଧ୍ୟାପକ ଅଭୟ ମହାନ୍ତି, ମଞ୍ଚର ଉପଦେଷ୍ଟା ଡ. ଅଜୟ କୁମାର ନାୟକ, କୃଷ୍ଣଚନ୍ଦ୍ର ପତ୍ରୀ, ଉପସଭାପତି ଅନ୍ତର୍ଯ୍ୟାମୀ ପାତ୍ର, ଶାନ୍ତିଲତା ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜମୋହନ ମିଶ୍ର, ମଞ୍ଚର ଜିଲା ସମ୍ପାଦକ ଦାମୋଦର ନାୟକ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ସଦସ୍ୟତା ଗ୍ରହଣ କରିଥିବା କିଶୋର କୁମାର ଦାସ, ମଧୁସୂଦନ ଦାସ, ବିନୋଦ ମହାପାତ୍ର, ମଦନମୋହନ ମହଲାଙ୍କ ସମେତ ୧୩ଜଣ ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖପତ୍ର ବର୍ଷିଆନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ମୁକ୍ତିକାନ୍ତ ଶତପଥି ବିବରଣୀ ପାଠ, ରଘୁନାଥ ପତ୍ରୀ ମଞ୍ଚ ଆହ୍ୱାନ, ବସନ୍ତ କୁମାର ଖିଲାର ଅତିଥି ପରିଚୟ, ବୁଦ୍ଧିରାମ ପାଣିଗ୍ରାହୀ ଗୀତାପାଠ, କିଶୋର କୁମାର ରାଉତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସନ୍ତୋଷ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ସଭ୍ୟ ନାରାୟଣ ପେଡା, ଅନାମ ଚରଣ ପଣ୍ଡା, ଅରୁଣ କୁମାର ସ୍ୱାଇଁ ଓ ମାନସ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲ ନିଆଁ ସଚେତନତା ଶିବିର

ଜଳେଶ୍ୱର, ୨୩।୨(ନବୀନ ସାହୁ)- ବରଡ଼ିହା ବନପାଳ କାର୍ଯ୍ୟାଳୟରେ ଶୁକ୍ରବାର ଜଙ୍ଗଲ ନିଆଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଳେଶ୍ୱର ବନାଞ୍ଚଳ ଅଧିକାରିଣୀ ଜୟଶ୍ରୀ ମୁର୍ମୁ ଅଧ୍ୟକ୍ଷତା କରିଥିଲେ। ବରଡ଼ିହା ବନପାଳ ପ୍ରହ୍ଲାଦ ନାୟକ, ଜଳେଶ୍ୱର ବନପାଳ ମୀନାରାଣୀ ବେହେରା, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ, ରାଇବଣିଆ ପ୍ରାଣୀ ଚିକିତ୍ସକ ଅଧିକାରିଣୀ ଶୁଭସ୍ମିତା ଦାସ, ରାଇବଣିଆ ଅଗ୍ନିଶମ ଅଧିକାରୀ ସବର୍ଣ୍ଣ ସିଂ, ରାଇବଣିଆ ଥାନା ଏଏସ୍‌ଆଇ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ଦିଲୀପ ସିଂ, ରଞ୍ଜିତା ବିଶ୍ୱାଳ, ବରଡ଼ିହା ସରପଞ୍ଚ ଅଜୟ ମହାନ୍ତି, କଳମା ପଞ୍ଚାୟତ ସଦସ୍ୟ ଚିତ୍ତରଞ୍ଜନ ବେହେରା, କାଳୀକ ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ, କଳମା ସରପଞ୍ଚ ପ୍ରତିନିଧି ବିଶ୍ୱସାରଥି ଦତ୍ତ, ଖୁଆଡ଼ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ସଞ୍ଜୟ ବାରିକ ଓ ୧୨ଟି ବନ ସୁରକ୍ଷା କମିଟି ସଦସ୍ୟ ଉପସ୍ଥିତ ଥିଲେ। ଶିବିରରେ କିପରି ଭାବେ ନିଆଁ ଲିଭା ହେବ ଏଲ୍‌ସିଡ଼ି ମାଧ୍ୟମରେ ଦେଖାଇଥିଲେ।

## ଜାଗ ଜନତା ଜାଗ ସମାବେଶ

**କାଳିପଦା,୨୩।୨(ରାଜଶ୍ରୀ ପାଣିଗ୍ରାହୀ)**

ଓଡ଼ିଶା ନବ ନିର୍ମାଣ ସ୍ୱରାଜ ସରକାର ପକ୍ଷରୁ ଶୁକ୍ରବାର ବାଲିଆପାଳ ବ୍ଲକ କାଳିପଦା ବଜାରଠାରେ ଜାଗ ଜନତା ଜାଗ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସନ୍ନ୍ୟାସୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ କୃଷକ ନେତା ଅନନ୍ତ ରାଉତ, ଯୁପିର କୃଷକ ନେତା ଶିବାନନ୍ଦ ଯାଦବ ଓ ରାହୁଲ ଶୋକ୍ଲା କୃଷକକୁ ଚାଷର ମୂଲ୍ୟ ମିଳୁ, କୃଷକକୁ ସମ୍ମାନ ମିଳୁ, କୃଷକକୁ ଭତ୍ତା ମିଳୁ, ଚାଷୀ ଆତ୍ମହତ୍ୟା ବନ୍ଦ ହେଉ ବୋଲି କହିଥିଲେ। ଏସବୁକୁ ହାସଲ କରିବା ପାଇଁ ଆମର ଏହି ଲଢେଇ ବୋଲି ସେମାନେ ମଧ୍ୟ କହିଥିଲେ। ସତ୍ୟକାମ ମହାନ୍ତି, ଜଳେଶ୍ୱର କୃଷକ ନେତା କାର୍ତ୍ତିକ ଘୋଷ, ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି କୁଳମଣି ଯୋଗାଚାର୍ଯ୍ୟ, ବରିଷ୍ଠ କୃଷକ ନେତା ଅକ୍ଷୟ କୁମାର ଯୋଗ ଦେଇ ଚାଷୀମାନଙ୍କୁ ସଙ୍ଗଠିତ ହେବାକୁ ଆହ୍ୱାନ ଦେବା ସହିତ ଚାଷୀ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୃଷକ ନେତା ତଥା ଜନନୀ ପରିବାର ମୁଖ୍ୟ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ।

## ଭଦ୍ରକ

## 'ସୁରକ୍ଷିତ ଶିଶୁ ପାଇଁ ସୁସ୍ଥ ପରିବେଶ ଆବଶ୍ୟକ'

**ଶିଶୁ ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଶୀର୍ଷକ କର୍ମଶାଳା**

ଭଦ୍ରକ(ସନାତନ ରାଉତ)/ (ରବିନାରାୟଣ ଖିଲାର),୨୩।୨- ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ପ୍ରଶାସନ ଭଦ୍ରକ ଆନୁକୂଲ୍ୟରେ ଶିଶୁ ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଶୀର୍ଷକ କର୍ମଶାଳା ଜିଲା ସଂସ୍କୃତି ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ନାୟକଙ୍କ ସଭାପତିତ୍ୱରେ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଅଂଶଗ୍ରହଣ କରି ମତାମତ ପ୍ରଦାନ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍‌ର ଅଧ୍ୟକ୍ଷା ତଥା ଡିଏସ୍‌ପି (ଏଚ୍‌ଆର୍‌ପିସି) ପୁଷ୍ପଲତା ବାରିକ ଯୋଗ ଦେଇ ଶିଶୁର ପରିଚୟ ପ୍ରକଟ ନ କରିବା, ଶିଶୁକୁ ଭୟଭୀତ ନ କରିବା, ଶିଶୁ ସୁରକ୍ଷା ପାଇଁ ପ୍ରତିବନ୍ଧକ ଥିବା କେତକ ନିୟମ ଓ କିଶୋର ନ୍ୟାୟ ଆଇନ ସମ୍ବନ୍ଧରେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରହୀ, ସଦସ୍ୟ ଅମର କୁମାର ବାରିକ, ଭାରତୀ ଦାଶ, ଅନୁଗୋଳର ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଶିଶୁ ସୁରକ୍ଷା ଗଣମାଧ୍ୟମର ଭୂମିକା ବାବଦରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଦିଗରେ ଜିଲାର ଖବରଦାତାମାନେ ମତ ପୋଷଣ କରିଥିଲେ। କର୍ମଶାଳାରେ ଶିଶୁ ସୁରକ୍ଷା ୟୁନିଟ୍‌ର ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ, ଆନୁଷ୍ଠାନିକ ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା, ମହେଶ ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ, ଚିନ୍ମୟ ପଣ୍ଡା, ଦେବସ୍ମିତା ମହାନ୍ତି, ସସ୍ମିତା ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରିୟାଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାବି ପୂରଣ ନ ହେଲେ କମ୍ପାନୀ ଗେଟ୍‌ରେ ତାଲା

**ଭଦ୍ରକ,୨୩।୨(ସନାତନ ରାଉତ)**

**ଖବରଦାତା ସମ୍ମିଳନୀରେ କଂଗ୍ରେସର ଚେତାବନୀ**

ଭଦ୍ରକ ରାନ୍ଦିଆସ୍ଥିତ ଫେକର କମ୍ପାନୀର ବିଭିନ୍ନ ଅନିୟମିତତା ବିରୋଧରେ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ପକ୍ଷରୁ ୧୩ ଦଫା ଦାବି ରଖାଯାଇଥିବା ବେଳେ ୧୫ ଦିନ ମଧ୍ୟରେ କମ୍ପାନୀ କର୍ତ୍ତୃପକ୍ଷ ଦାବିପୂରଣ ନ କଲେ କମ୍ପାନୀକୁ ଯାଉଥିବା ଗାଡ଼ିଗୁଡ଼ିକୁ ବନ୍ତଛକଠାରେ ଅଟକାଯିବା ସହ କମ୍ପାନୀ ଗେଟ୍‌ରେ ତାଲା ପଡ଼ିବ ବୋଲି ଭଦ୍ରକ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି ଚେତାବନୀ ଦେଇଛନ୍ତି। ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ମିଳନୀରେ ସୂଚନା ଦେଇ ମହାନ୍ତି କହିଛନ୍ତି, କମ୍ପାନୀର ୧୦ କି.ମି. ମଧ୍ୟରେ ଥିବା ସମସ୍ତ ଘରକୁ ମାଗଣା ବିଦ୍ୟୁତ, ବୟସ୍କ ଲୋକ ଓ ଛୋଟପିଲାଙ୍କର ମାଗଣା ଚିକିତ୍ସା, ବର୍ଷରେ ୨ ଥର ସ୍ୱାସ୍ଥ୍ୟ ପରୀକ୍ଷା, ସ୍ଥାନୀୟ ଯୁବତୀ ଯୁବକଙ୍କୁ ଶିକ୍ଷାଗତ୍ ଯୋଗ୍ୟତା ଆଧାରରେ ନିଯୁକ୍ତି, କମ୍ପାନୀ ପକ୍ଷରୁ ଆମ୍ବୁଲାନ୍ସ ସେବା, ଶ୍ରମିକମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା, ସାଳନ୍ଦୀ ନଦୀରୁ ବ୍ୟବହାର ହେଉଥିବା ଜଳର ପରିମାଣ ସାର୍ବଜନୀନ କରିବା ଆଦି ୧୩ ଦଫା ଦାବି ଉତ୍‌ଥାପନ କରିଥିଲେ। କମ୍ପାନୀ ଚର୍ତୁପାର୍ଶ୍ୱରେ ରହୁଥିବା ଲୋକଙ୍କ ମଧ୍ୟରେ ପ୍ରଦୂଷଣ ଯୋଗୁ ଶ୍ୱାସ ରୋଗ ବୃଦ୍ଧି ପାଇବା ଓ ଛୋଟ ପିଲାଙ୍କଠାରେ ଚର୍ମ ରୋଗ ସୃଷ୍ଟି ହେଉଛି ବୋଲି ଅଭିଯୋଗ ଉଠାଇଥିଲେ। ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନ ଜିଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ହେମନ୍ତ ମହାପାତ୍ର, ଛାତ୍ର କଂଗ୍ରେସ ଜିଲା ସଭାପତି ସାହିଲ କାଦ୍ରୀ, ଟାଉନ କଂଗ୍ରେସ ସଭାପତି ମୋକିତ ଖାନ୍‌ଙ୍କ ସମେତ ରଞ୍ଜନ ଜେନା, ବିଜୟ ବାରିକ୍, ସତ୍ୟ ପୁହାଣ, ରାଜନ ଲାହା, ଟୁନୀ ଅଲ୍ଲୀଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ। ଦାବିପତ୍ର ଭଦ୍ରକ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପୂର୍ବତନ ଜିଲା ସଭାପତି ଦାସ ସୂଚନା ଦେଇଛନ୍ତି।



କଂଗ୍ରେସର ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।।

## ଆଜିଠାରୁ ମେମୁ ଟ୍ରେନ୍‌ରେ ଲୋକାଲ୍ ଭଡ଼ା

**ଭଦ୍ରକ,୨୩।୨(ସନାତନ ରାଉତ)**

ଲୋକାଲ ଟ୍ରେନରେ ଏକ୍ସପ୍ରେସ ଭଡ଼ା ନିଆଯାଉଥିବା ପ୍ରତିବାଦରେ ଦୀର୍ଘଦିନ ଧରି ହୋଇଆସୁଥିବା ଦାବିପୂରଣ ହୋଇଛି। ଶନିବାରଠାରୁ ସମସ୍ତ ଲୋକାଲ ଟ୍ରେନରେ ପାସେଞ୍ଜରମାନଙ୍କଠାରୁ ଲୋକାଲ ଭଡ଼ା ନିଆଯିବ ବୋଲି ରେଳ ବିଭାଗର କମର୍ସିଆଲ୍ ଆଦେଶ ପତ୍ର ନଂ.୨୦ /୨୩।୨।୨୦୨୪ ଦ୍ୱାରା ଅବଗତ କରାଯାଇଥିବା ଭଦ୍ରକ ଜିଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପୂର୍ବରୁ ଲୋକାଲ ଟ୍ରେନରେ ଯାତ୍ରୀମାନଙ୍କଠାରୁ ଏକ୍ସପ୍ରେସ ଭଡ଼ା ନିଆଯାଉଥିଲା। ଭଦ୍ରକ ଷ୍ଟେଶନରୁ ବାଲେଶ୍ୱରକୁ ୩୦ ଟଙ୍କା ନିଆଯାଉଥିବା ବେଳେ ବାଲେଶ୍ୱରରୁ ଭଦ୍ରକ ଆସୁଥିବା ଯାତ୍ରୀଙ୍କ ଠାରୁ ମାତ୍ର ୧୦ ଟଙ୍କା ଭଡ଼ା ନିଆଯାଉଥିଲା। ସେହିପରି ଭଦ୍ରକରୁ କଟକ ୬୦ ଟଙ୍କା ଭଡ଼ା ନିଆଯାଉଥିଲା। ଏବେ ବାଲେଶ୍ୱର ଓ କଟକକୁ ୧୦ ଟଙ୍କା ଭଡ଼ା ନିଆଯିବ। ଭଡ଼ାର ଏହି ଅସମାନତା ଦୂର କରିବା ପାଇଁ ସର୍ବୋଦୟ ମଣ୍ଡଳ ପକ୍ଷରୁ ଦୀର୍ଘ ଦିନ ଧରି ଦାବି କରାଯାଉଥିଲା। ରେଳ ବିଭାଗର ସମସ୍ତ ଅଫିସର, ରେଳ ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲା। ଖଡ଼ଗପୁରରୁ ଖୋର୍ଦ୍ଧା ରୋଡ୍ ଆସୁଥିବା ଦ୍ରୁତଗାମୀ ଲୋକାଲ୍ ଟ୍ରେନ୍ ବ୍ୟତୀତ ଅନ୍ୟ ସମସ୍ତ ଲୋକାଲ ଟ୍ରେନରେ ଏହି ପରିବର୍ତ୍ତିତ ଭଡ଼ା ଲାଗୁ କରାଯିବ ବୋଲି ଚିଠିରେ ଅବଗତ କରାଯାଇଥିବା ପାଣିଗ୍ରାହୀ କହିଛନ୍ତି।

## ପୌରପାଳିକା କାର୍ଯ୍ୟାଳୟ ଆଗରେ ମା' ଝିଅଙ୍କ ଧାରଣା

**ବାସୁଦେବପୁର,୨୩।୨ (ନାରାୟଣ ପ୍ରସାଦ ବାରିକ୍)**

**ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣ ଅଭିଯୋଗ**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ୨ ନମ୍ବର ୱାର୍ଡ଼ ରାଧାକାନ୍ତପୁର ଗ୍ରାମର ପୌରପାଳିକା ପକ୍ଷରୁ ଏକ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ଏହି ରାସ୍ତାର କିଛି ଅଂଶ ବ୍ୟକ୍ତିଗତ ଜାଗା ଦର୍ଶାଇ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ଦାବିରେ ରାଧାକାନ୍ତପୁର ଗ୍ରାମର ମହିଳା ଟୁନା ଜେନା ଓ ତାଙ୍କ ଝିଅ ଶ୍ରାବଣୀ ବାସୁଦେବପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଧାରଣାରେ ବସିଛନ୍ତି। ଏ ବାବଦରେ ପୌରପାଳିକା ପୂର୍ବରୁ ଅଭିଯୋଗ ହୋଇଥିବା ଧାରଣାରେ ବସିଥିବା ମା' ଝିଅ କହିଛନ୍ତି। ଜାଗା ପାଇଁ ତାଙ୍କ ପରିବାର ଅଦାଲତରେ ଆଶ୍ରୟ ନେଇଥିବା ସହ ଏ ନେଇ କୋର୍ଟରେ କେସ ଚାଲୁଥିବା ବେଳେ କେଉଁ ଆଧାରରେ ପୌରପାଳିକା ଏପରି କାର୍ଯ୍ୟ କରୁଛି ବୋଲି ପ୍ରଶ୍ନ କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଉକ୍ତ ଜାଗାରେ ପୌରପାଳିକା ପକ୍ଷରୁ ମାପଚୁପରେ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ଉକ୍ତ ଜାଗାରେ ଏହି ପରିବାର କୋର୍ଟରୁ କୌଣସି ଅର୍ଡର କାର୍ଯ୍ୟ ବନ୍ଦ ପାଇଁ ଆଣିଲେ ପୌରପାଳିକା କୋର୍ଟ ଆଦେଶକୁ ସମ୍ମାନ ଜଣାଇବ ବୋଲି କହିଥିଲେ।



ଧାରଣାରେ ବସିଥିବା ମା' ଝିଅ।

## ଯୁବତୀଙ୍କଠାରୁ ଝାମ୍ପି ନେଲେ ସୁନାଚେନ

ଧାମନଗର(ସନ୍ତୋଷ କୁମାର ମହାପାତ୍ର)/ ଧାମନଗର (ଦେବେନ୍ଦ୍ର ଆନ୍ଦିଆ),୨୩।୨- ଭଦ୍ରକ ଜିଲା ଧାମନଗର ଫଳପୁର ରାସ୍ତାର ରାମେଶ୍ୱରପୁର ଗେଟ୍ ପାଖରେ ସ୍କୁଟିରେ ଆସୁଥିବା ଜଣେ ଯୁବତୀଙ୍କଠାରୁ ସୁନାହାର ଓ ରୂପା ମୁଦି ଲୁଟି ନିଆଯାଇଥିବା ଅଭିଯୋଗ ହୋଇଛି। ପଧାନୀ ପଞ୍ଚାୟତ କଣ୍ଟଦା ଗ୍ରାମର ସୁଧୀର କୁମାର ପତି ଶୁକ୍ରବାର ଭୋର ସମୟରେ ମୋଲକାତା ଯିବା ପାଇଁ ତାଙ୍କ ଝିଅ ଶୁଭସ୍ମିତା ସ୍କୁଟିରେ ଛାଡ଼ିବାକୁ ଆସିଥିଲେ। ଧାମନଗରରେ ଛାଡ଼ି ଘରକୁ ଏକୁଟିଆ ଫେରୁଥିବା ବେଳେ ରାମେଶ୍ୱରପୁର ଗେଟ ନିକଟରେ ତାଙ୍କୁ ବାଇକ୍‌ରେ ପିଛା କରୁଥିବା ୨ଜଣ ଦୁର୍ବୃତ୍ତ ସ୍କୁଟିକୁ ଧକ୍କା ଦେଇଥିଲେ। ଶୁଭସ୍ମିତା ତଳେ ପଡ଼ିଯିବା ପରେ ସେ ପିନ୍ଧିଥିବା ସୁନା ଚେନ ଓ ରୂପାମୁଦି ଛଡ଼ାଇ ନେଇଥିଲେ। ସେହି ସମୟରେ ଆଉ ଏକ ଗାଡ଼ି ଆସୁଥିବାରୁ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଏନେଇ ସୁଧୀର ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୭୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ବିପଦସଙ୍କୁଳ ଅବସ୍ଥାରେ ଧାମରା ରେଳପଥ ଲେଭଲକ୍ରସିଂ

**ନା ଅଛି ଫାଟକ, ନା ଅଛନ୍ତି ଜଗୁଆଳି**

**ତିହିଡି,୨୩।୨(ସଞ୍ଜିତ ବଳ)**

ଭଦ୍ରକ- ଧାମରା ରେଳପଥର ବିଭିନ୍ନ ସ୍ଥାନରେ ଥିବା ଲେଭଲକ୍ରସିଂ ବିପଦସଙ୍କୁଳ ଅବସ୍ଥାରେ ଅଛି। ଏହି କ୍ରସିଂରେ ନା ହୋଇଛି ଫାଟକ ନିର୍ମାଣ, ନା ନିଯୁକ୍ତି ପାଇଛନ୍ତି ଜଗୁଆଳି। ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ଲୋକମାନଙ୍କୁ ସତର୍କତାର ସହିତ ରେଳପଥ ପାରିହେବାକୁ ପଡୁଛି। ଫାଟକ ନିର୍ମାଣ ସହ ଜଗୁଆଳି ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ଦାବି ହେଉଥିଲେ ମଧ୍ୟ ଧାମରା ବନ୍ଦର କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଅଧୀନ ତିହିଡ଼ି ବ୍ଲକ୍ ନୂଆନନ୍ଦ ପଞ୍ଚାୟତର ଜିଝାରପୁରଠାରୁ ନରେନ୍ଦ୍ରପୁର ଯାଏ ଅଚକ, ତିହିଡ଼ି, ବାରିଣୀପୋଖରୀ, ମଙ୍ଗଳପୁର, ଗନ୍ଧର୍ବପୋଖରୀ, ଦୌଲତପୁର, ସାହାପୁର, ଜାମଯୋଡ଼ି ଇତ୍ୟାଦି ସ୍ଥାନରେ ଲେଭଲକ୍ରସିଂ ରହିଛି। ଲେଭଲକ୍ରସିଂ ସହ ଗ୍ରାମ ରାସ୍ତାର ସଂଯୋଗ ଥିବାରୁ ପ୍ରତିଦିନ ଶତାଧିକ ଯାନବାହନ ଚଳାଚଳ କରିଥାଏ। ଏହାଛଡ଼ା ଛାତ୍ରୀଛାତ୍ର, ଚାଷୀଙ୍କ ସମେତ ଲୋକମାନେ ଏହାକୁ ପାରିହୋଇ ଯାଇଥାନ୍ତି। ପଡ଼ୋଶୀ ବାସୁଦେବପୁର ବ୍ଲକ୍‌ର ଲୋକମାନେ ମଧ୍ୟ ସାଇକେଲ ଓ ବାଇକ୍‌ରେ ଯାତାୟାତ କରିଥାନ୍ତି। ରେଳପଥରେ କୌଣସି ସମୟ ନିର୍ଘଣ୍ଟ ନଥାଇ ପ୍ରତିଦିନ ମାଲବାହୀ ଟ୍ରେନ ଚଳାଚଳ କରିଥାଏ। ଯାହାପାଇଁ ଲୋକମାନେ ଟ୍ରେନ୍ ଚଳାଚଳର ନିର୍ଦ୍ଦିଷ୍ଟ ସମୟ ଜାଣିପାରନ୍ତିନାହିଁ। ତେବେ ଲେଭଲକ୍ରସିଂରେ ଗାର୍ଡ ନିଯୁକ୍ତି, ବିପଦ ସଙ୍କେତ ସମ୍ବଳିତ ସାଇନ ବୋର୍ଡ ଓ ଆଲୋକ ଲଗାଯିବା ନିୟମ ଥିଲେ ମଧ୍ୟ ବନ୍ଦର କମ୍ପାନୀ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନନେବା ପରିତାପର ବିଷୟ ହୋଇଛି। ରେଳପଥର ଅଚକଠାରେ ଅଣ୍ଡରପାସ ନିର୍ମାଣ ପାଇଁ କିଛିବର୍ଷ ପୂର୍ବେ ସ୍ଥାନୀୟ ଲୋକେ ରେଳପଥ ଅବରୋଧ କରି ମଧ୍ୟ କୌଣସି ସୁଫଳ ପାଇପାରି ନ ଥିଲେ। ବନ୍ଦର କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଲେବଲ କ୍ରସିଂରେ ଫାଟକ ନିର୍ମାଣ କରିବା ସହ ଜଗୁଆଳି ନିଯୁକ୍ତି ଦେବାକୁ ଦାବି ହୋଇଛି।





ବାରିଣୀପୋଖରୀଠାରେ ଥିବା ଲେଭଲକ୍ରସିଂ।

## ବିରଳ ପ୍ରଜାତିର ବଗ ଉଦ୍ଧାର

ମୋରଡ଼ା,(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ଦେଉଳି ବନ ବିଭାଗ ଏକ ବିରଳ ପ୍ରଜାତିର ବଗ ଉଦ୍ଧାର କରିଛି। ରେଞ୍ଜର ବୁନ୍ଦେଶ୍ୱର ନାଏକଙ୍କ ସୂଚନା ଅନୁଯାୟୀ, ବଣକାଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଏକ ବିରଳ ପ୍ରଜାତିର ବଗ ଥିବା ଖବର ମିଳିବା ପରେ ବନ କର୍ମଚାରୀମାନେ ପହଞ୍ଚି ତାହାକୁ ଉଦ୍ଧାର କରିଥିଲେ। ତେବେ ଉକ୍ତ ବଗଟି ଲେସର ଆଡ୍‌ଜଟାଣ୍ଟ ପ୍ରଜାତିର ବୋଲି ବନ ବିଭାଗ ସୂଚନା ଦେଇଛି। ବଗଟି ଅସୁସ୍ଥ ଥିବାରୁ ପିଠାବଟା ରେଞ୍ଜରେ ରଖି ତା'ର ଚିକିତ୍ସା କରାଯାଉଛି।

**ମୟୂରଭଞ୍ଜ**

## ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧବାର୍ଷିକୀ

ରାଇରଙ୍ଗପୁର,୨୩।୨(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ଅଞ୍ଚଳରେ ଶୁକ୍ରବାର ଅଲଚିକୀ ଭାଷା ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ମୁର୍ମୁଙ୍କ ସମାଧି ପୀଠରେ ଆଦିବାସୀ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମୟୂରଭଞ୍ଜ ଜିଲା ସମେତ ପଡୋଶୀ ଝାଡ଼ଖଣ୍ଡ, ବିହାର ଏବଂ ପଶ୍ଚିମବଙ୍ଗ ରାଜ୍ୟ ଅଞ୍ଚଳର ବହୁ ସଂଖ୍ୟକ ଆଦିବାସୀ ସାନ୍ତାଳୀ ସମ୍ପ୍ରଦାୟର ମହିଳା ଏବଂ ପୁରୁଷ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆଦିବାସୀ ସାନ୍ତାଳୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନର୍ସିଂ କଲେଜର ବାର୍ଷିକୋତ୍ସବ

ଗୋପବନ୍ଧୁ ନଗର,୨୩।୨(ଶାନ୍ତନୁ କୁମାର ମଉଆଳ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦାସ୍ଥିତ ସ୍ୱର୍ଣ୍ଣଲତା ନର୍ସିଂ କଲେଜ ଏବଂ ଏସଏସ ଫାର୍ମାସୀ କଲେଜର ମିଳିତ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ଭବାନୀ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ କୁଆମରା ଡାକ୍ତରଖାନାର ମେଡିକାଲ ଅଫିସର ଡା. ଶାନ୍ତନୁ କୁମାର ଜେନା, ମୁଖ୍ୟ ବକ୍ତା ସ୍ୱର୍ଣ୍ଣଲତା କଲେଜର ସମ୍ପାଦକ ପୁରୁଷୋତ୍ତମ ନାୟକ, ଅଧ୍ୟକ୍ଷା ବାସନ୍ତୀ ମଣି ବେହେରା, ଅଧ୍ୟକ୍ଷ ରୌମ୍ୟ ରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦୨୩ ବାର୍ଷିକ କ୍ରୀଡାର ୬୦ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ ଯାଇଥିଲା। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଦ୍ୱାରଶୁଣୀ ପାହାଡ଼ରେ ପଥର ବ୍ଲାଷ୍ଟିଂ

- ୫ ଘଣ୍ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ
- ଜିଲାପାଳଙ୍କୁ ସାଧୁବାଦ ଜଣାଇଲା ଭଞ୍ଜସେନା

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲା),୨୩।୨



ବ୍ଲାଷ୍ଟିଂ ପରେ ବିକ୍ଷିପ୍ତ ହୋଇ ପଡ଼ିଥିବା ପଥର ଜେସିବି ମେଶିନ ଦ୍ୱାରା ସଫା କରାଯାଉଛି।

ମୟୂରଭଞ୍ଜ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଛି। ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ମରାମତି ପାଇଁ ରାସ୍ତାଠାରୁ ୫ ମିଟର ପର୍ଯ୍ୟନ୍ତ ଚଉଡ଼ା ଲାଗି ପ୍ରତିବନ୍ଧକ ସାଜୁଥିବା ପାହାଡ଼ରେ ଶୁକ୍ରବାର ବ୍ଲାଷ୍ଟିଂ କାର୍ଯ୍ୟ ଆରମ୍ଭ ହୋଇଛି। ବ୍ଲାଷ୍ଟିଂ ପାଇଁ ୧୦ଟି ସ୍ଥାନ ଚିହ୍ନଟ କରାଯାଇଥିଲା। ଏଥିନେଇ ଡ୍ରିଲିଂ କାର୍ଯ୍ୟ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ଅପରାହ୍ନ ୧ଟାରେ ପ୍ରଥମ ପଥର ବ୍ଲାଷ୍ଟିଂ କରାଯାଇଥିଲା। ଏହି ବ୍ଲାଷ୍ଟିଂ ପ୍ରକ୍ରିୟା ଶନିବାର ଓ ରବିବାର ୨ଦିନ ଧରି ଚାଲୁ ରହିବ। ଏନେଇ ମଧ୍ୟାହ୍ନ ୧୨ଟାଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୪୯ନଂ. ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଏନ୍‌ଏଚ୍‌ଆଇ ପକ୍ଷରୁ ମନୋଜ କୁମାର ତିୱାରୀ ଓ ବାଙ୍ଗିରିପୋଷି ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ବ୍ଲାଷ୍ଟିଂ ପରେ ପଥରକୁ ଜେସିବି ମେଶିନ ସାହାର୍ଯ୍ୟରେ ସଫା କରାଯାଇଥିଲା। ୫ ଘଣ୍ଟା ପରେ ଗାଡିଚଳାଚଳ ସ୍ୱାଭାବିକ ହୋଇଥିଲା ।

ଘାଟି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଣରାଜନୈତିକ ସଂଗଠନ ଭଞ୍ଜସେନା ପକ୍ଷରୁ ଜିଲାପାଳ ଆଶିଷ ଠାକରେଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ପ୍ରତିଶ୍ରୁତି ମୁତାବକ ମରଣଯନ୍ତା ସାଜିଥିବା ଦ୍ୱାରଶୁଣି ଘାଟିରେ ବ୍ଲାଷ୍ଟିଂ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରତିଦିନ ଦୁର୍ଘଟଣା ଘଟି ଜୀବନ ଯାଉଥିବାରୁ ଭଞ୍ଜସେନା ପକ୍ଷରୁ ପ୍ରଶସ୍ତୀକରଣ କରିବାକୁ ବାରମ୍ବାର ଦାବି ହୋଇଆସୁଥିଲା। ମାତ୍ର ଜିଲା ପ୍ରଶାସନ କିମ୍ବା ଜନପ୍ରତିନିଧି ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ । କିଛି ଦିନ ପୂର୍ବେ ଏକ ଯାତ୍ରାପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୬ଜଣଙ୍କ ମୃତ୍ୟୁ ହେବା ପରେ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଥିଲା। ୬ଦଫା ଦାବିକୁ ନେଇ ଭଞ୍ଜସେନା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଜିଲା ପ୍ରଶାସନ ଓ ଭଞ୍ଜସେନାର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଖୁବ୍‌ଶୀଘ୍ର ଦାବି ମୁତାବକ କାର୍ଯ୍ୟ କରାଯିବ ବୋଲି ଜିଲାପାଳ ଠାକ୍‌ରେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଭଞ୍ଜସେନାର କର୍ମକର୍ତ୍ତାମାନେ ପରସ୍ପରକୁ ମିଷ୍ଟାନ ଦେଇ ଖୁସି ପ୍ରକଟ କରିଥିଲେ । ତେବେ ପ୍ରଶସ୍ତୀକରଣ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ସଙ୍ଗଠନର ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏ ଅଭିଯୋଗ ଶୁଣାଣି

ଖୁଣ୍ଟା,୨୩।୨(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ଏମ୍‌ଜିଏନ୍‌ଆର୍‌ଇଜିଏ ସମ୍ପର୍କୀତ ୨ୟ ପର୍ଯ୍ୟାୟର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନୋଡାଲ ଅଧିକାରୀ ଭାବେ ଲୋଧା ଡେଭଲପ୍‌ମେଣ୍ଟ ଏଜେନ୍ସିର ସେକ୍ସନ ଅଧିକାରୀ ସାଓନା ମାଝି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାୟକ, ଉପାଧ୍ୟକ୍ଷା ଯବା କିସ୍କୁ , ଆମୁଡସମେଣ୍ଟ ବି.କେ ଭୂୟାଁ, ବିଡିଓ ଗୌରାଙ୍ଗ ଚନ୍ଦ୍ର ଘୋଷ, ଜିଲା ପରିଷଦ ସଭ୍ୟ ହୁଦାନନ୍ଦ ମୁର୍ମୁ ଓ ସୁନିତୀ ମାରାଣ୍ଡି, ସହକାରୀ ଯନ୍ତ୍ରୀ ନନ୍ଦକିଶୋର ସୋରେନ,ଏପିଓ ମନସ୍ୱିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ଆଣିବା ହିଁ ଏହି ଅଭିଯୋଗ ଶୁଣାଣିର ମୂଳ ଲକ୍ଷ୍ୟ ବୋଲି ଅଧିକାରୀମାନେ କହିଥିଲେ। ଶିବିରରେ ମୁଖ୍ୟତଃ କାର୍ଯ୍ୟରମାନ ଏବଂ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଥିବା ବେଳେ ୩ ମାସ ହେଲା ଏମ୍‌ଜିଏନ୍‌ଆର୍‌ଇଜିଏରେ ନିୟୋଜିତ ହୋଇଥିବା ଶ୍ରମିକମାନେ ମଜୁରୀ ପାଇ ନ ଥିବା ଅଭିଯୋଗ ଉଠିଥିଲା। ସେହିପରି ଖାଉଟି ସୁରକ୍ଷା ଆଇନରୁ ବାଦ୍ ପଡ଼ିଥିବା ଗରିବ ଲୋକେ ଦୀର୍ଘଦିନ ଦିନ ରାଶନ କାର୍ଡ ପାଇଁ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି କାର୍ଡ ପାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

## ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

ବେତନଟୀ(ଧରଣୀଧର ମହାନ୍ତି)/ଉଦଳା (ସନ୍ତୋଷ କୁମାର ବାଛିନୀ) ,୨୩।୨

ମୟୂରଭଞ୍ଜ ଜିଲା ବେତନଟୀ ଓ ଉଦଳା ବ୍ଲକ ଅଞ୍ଚଳରେ ବହୁମୁଖୀ ଇନଡୋର ଷ୍ଟାଡିୟମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ବେତନଟୀସ୍ଥିତ ବାହାନଡା ଗ୍ରାମରେ ହିନ୍ଦୁସ୍ତାନ ପେଟ୍ରୋଲିୟମର ସିଏସଆର ପକ୍ଷରୁ ୨୫ଲକ୍ଷ ଟଙ୍କା ଅନୁଦାନରେ ପ୍ରଥମ କରି ବ୍ୟାଡ୍‌ମିଣ୍ଟନ ଖେଳ ପାଇଁ ନିର୍ମିତ ଇଣ୍ଡୋର ଷ୍ଟାଡିୟମକୁ ଶୁକ୍ରବାର କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ଉଦଘାଟନ କରିଥିଲେ। ଶିକ୍ଷକ ତୋଶିଲ କୁମାର ବେହେରାଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦୁସ୍ତାନ ପେଟ୍ରୋଲିୟମର ମ୍ୟାନେଜର ଫାଲ୍‌ଗୁନୀ ସାହୁ, ହିନ୍ଦୁସ୍ତାନ ପେଟ୍ରୋଲିୟମର କ୍ଷେତ୍ରଅଧିକାରୀ ରଞ୍ଜନ ଚଉରାସିୟା, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଧାମୋହନ ବେହେରା, ବାହାନଡା ବ୍ୟାଡମିଣ୍ଟନ କ୍ଲବର ସଭାପତି ନିରଞ୍ଜନ ମହାନ୍ତି, ଭାଜପା ଜିଲା ଉପସଭାପତି ପ୍ରଦୀପ ପରିଡା, ୩୫ନଂ. ଜୋନ ମଣ୍ଡଳସଭାପତି ରାଜକିଶୋର ଶାହା, ପୂର୍ବତନ ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ପୂର୍ବତନ ବେତନଟୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସିଂ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ରଞ୍ଜିତ ପ୍ରଧାନ, ସଞ୍ଜୟ ବେହେରା, ଅଲୟ ପ୍ରଧାନ, ତପନ ନାୟକ, ଖଗେନ୍ଦ୍ର ସାହୁ, ଶିଶିର ବେହେରା, ବିଶ୍ୱଜିତ ନାୟକ, ପଙ୍କଜ କୁମାର ସାହୁ, ମନୋଜ କୁମାର ଜେନା, ଦେବନାରାୟଣ ପାତ୍ର, ପ୍ରିୟଜିତ ନାୟକ, ସୁବ୍ରତ ପଣ୍ଡିତ, ସନ୍ଦୀପ ବେହେରା, ସୁଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଉଦଳାରେ ୫-ଟି ରୂପାନ୍ତରଣରେ ନିର୍ମିତ ଏହି ଇନଡୋର ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏଠାରେ ବ୍ୟାଡମିଣ୍ଟନ, ବ୍ୟାୟାମ୍ ଆଦିର ବ୍ୟବସ୍ଥା କରାଯାଇଛି। ଯୋଗ ମଧ୍ୟ ଆୟୋଜିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଉଦଳା ବିଧାୟକ ଭାସ୍କର ମଢେଇ, ଏନ୍‌ଏସି ଅଧ୍ୟକ୍ଷ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ାଉ, ମଦ ବେପାରୀ ଗିରଫ

ମୋରଡ଼ା,୨୩।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରି ୯୫୫୦ କେଜି ମହୁଲ ପୋଚ ନଷ୍ଟ କରିବା ସହିତ ୩୧୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ମଙ୍ଗଲ ହାଁସଦା ନାମକ ଜଣେ ମଦ ବେପାରୀଙ୍କୁ ଗିରଫ କରଯାଇଛି। ସଦର ରେଞ୍ଜ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ, ମୋବାଇଲ ୟୁନିଟ ଇନ୍ସପେକ୍ଟର ଶ୍ରୀଧର ମହାନ୍ତି, ସଦର ଓ୍ୱାଇସି ଶୁଭଦର୍ଶିନୀ ସାହୁ, ମୋରଡା ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ, ବେତନଟୀ ଅବକାରୀ ଅଧିକାରୀ ପ୍ରକାଶଚନ୍ଦ୍ର ସାହୁ, ଏକଜ୍ଯୁକ୍ୟୁଟିଭ୍ ମାଜିଷ୍ଟ୍ରେଟ, ଏପିଆର ଫୋର୍ସ, ବେତନଟୀ ପୋଲିସ ମିଳିତ ଭାବରେ ଭାଲୁକଟୁଆ, ହାଣ୍ଡିଭଙ୍ଗା ଅଞ୍ଚଳରେ ଚଢ଼ାଉ କରିଥିଲେ।

## ମାମାଲି ଫାଇଟର ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ମୋରଡ଼ା,୨୩।୨(ସ୍ମାରକ ମାଜୀ)

**କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବରକନ୍ଦ ପଞ୍ଚାୟତର ଝିଙ୍କିରିଆ ଗ୍ରାମର ମା' ବିରାତପାଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଲିଗ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ହାଟ ପଡ଼ିଆରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟରେ ମୋଟ ୬ଟି ଫ୍ରାଞ୍ଚଇଜ୍ ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ସିଏସ୍‌କେ ଫାଇଟରକୁ ହରାଇ ମାମାଲି ଫାଇଟର ଚାମ୍ପିୟନ ହୋଇଥିଲା। ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିବେକାନନ୍ଦ ଦାସ ପ୍ଲେୟାର ଅଫ ଦି ମ୍ୟାଚ ଏବଂ ଦେବାଶିଷ ମହାନ୍ତ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁବ ସାମାଜିକ କର୍ମୀ ତରୁଣ କୁମାର ଦେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ ।

**କେନ୍ଦୁଝର**

## ୨୨ଲକ୍ଷ ଟଙ୍କା, ୪୬ ଗ୍ରାମ ସୁନା ମିଳିଲା

### ମା' ତାରିଣୀ ହୁଣ୍ଡି ଗଣତି

ଘଟଗାଁ,୨୩।୨(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡିଶୁକ୍ରବାର ଖୋଲାଯାଇ ଗଣତି ହୋଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡିରୁ ମୋଟ ୨୨ ଲକ୍ଷ ୮ ହଜାର ୧୩୧ ଟଙ୍କା, ୪୬ ଗ୍ରାମ ୯୭୦ ମିଲିଗ୍ରାମ ସୁନା, ୮୦୭ ଗ୍ରାମ ୮୦୦ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ ଶ୍ରୀନିବାସ ବେହେରା, ନଳିନୀ ମହାନ୍ତ ଓ ମଦନ ମୋହନ ପୂର୍ତ୍ତି ପ୍ରମୁଖ ଉପସ୍ଥିତ ରହି ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ନାରାୟଣ ମୁଣ୍ଡି, ଚନ୍ଦନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଣ୍ଡି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ, ସିପୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

## ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ କଳା ଦିବସ ପାଳିତ

ବଡ଼ବିଲ,୨୩।୨(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲରେ ଶୁକ୍ରବାର ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ କଳା ଦିବସ ପାଳନ କରିଛି। ପଞ୍ଜାବ ଓ ସିନ୍ଧୁ ସୀମାରେ କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରାୟ ୧୦ ହଜାର ଆହତ କୃଷକ ଓ ଯୁବ କୃଷକ ଶୁଭ କରଣ ସିଂଙ୍କ ହତ୍ୟାର ପ୍ରତିବାଦ ସ୍ୱରୂପ ବଡବିଲଠାରେ ବିଭିନ୍ନ ଟ୍ରେଡ୍ ୟୁନିୟନ ମିଳିତ ଭାବେ କଳା ଦିବସରେ ପ୍ରତିବାଦ ସଭା କରିଥିବା ଜଣାପଡିଛି। ଶ୍ରମିକ ନେତା କପିଳ ପ୍ରସାଦ ମହାନ୍ତଙ୍କ ନେତୃତ୍ୱରେ ପ୍ରତିବାଦ ସଭାରେ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ମହେଶ୍ୱର ରାଉତ ଯୋଗଦେଇ କେନ୍ଦ୍ର ଦମନ ବିରୋଧୀ ଓ ଜନ ବିରୋଧୀ ନୀତିର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ନେତା କାହ୍ନୁ ଚରଣ ସାମଲ, ରାଜାରାମ ମୁଣ୍ଡା, ମହମ୍ମଦ ବଦ୍ରୁଜାମା, ଆଇଏନଟିୟୁସି ନେତା ଅଶୋକ ଠକ୍କର, ମୁନ୍ନା ଖାନ ଏବଂ ସିଆଇଟିୟୁର ନେତା ତୃପ୍ତି ରଞ୍ଜନ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଲୋକାର୍ପଣ ଦିନଠାରୁ ତାଲା ଝୁଲୁଛି

### ଆନନ୍ଦପୁର ବସ୍‌ଷ୍ଟାଣ୍ଡ

ଆନନ୍ଦପୁର,୨୩।୨(ଉମେଶ ଚନ୍ଦ୍ର ପାଢ଼ୀ)




କେନ୍ଦୁଝର ଜିଲା ଆନନ୍ଦପୁର ଫକୀର ମୋହନ ମାର୍କେଟଠାରେ ନିର୍ମାଣ ହୋଇଥିବା ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ଦିନଠାରୁ ବନ୍ଦ ପଡ଼ିଛି। ଲୋକଙ୍କ ସୁବିଧା ପାଇଁ ନିର୍ମିତ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନର କେଇ ଘଣ୍ଟା ପରେ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ରାଜ୍ୟ ସଡ଼କ ପରିବହନ ନିଗମ ଆନୁକୂଲ୍ୟରେ ୧୫ ତାରିଖ ଗୁରୁବାର ଦିନ ୧୩ ଗୋଟି ଜିଲାରେ ୨୦ ଟି ନୂତନ ଆମ ବସ୍‌ଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଏଥିରେ ଆନନ୍ଦପୁର ଫକୀର ମୋହନ ମାର୍କେଟଠାରେ ୪ କୋଟି ୭ ଲକ୍ଷ ୧୯ ହଜାର ୯ ସହ ୫୩ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଆମ ବସ୍‌ଷ୍ଟାଣ୍ଡ ସାମିଲ ଥିଲା। ମାତ୍ର ବସ୍‌ଷ୍ଟାଣ୍ଡରେ ଆଜି ପର୍ଯ୍ୟନ୍ତ ତାଲା ଝୁଲୁଥିବାରୁ ଲୋକଙ୍କ ସେବାରେ ଲାଗିପାରିନି। ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ କେନ୍ଦୁଝର ଆରଟିଓ ଗୋପାଳକୃଷ୍ଣ ଦାସଙ୍କୁ ପଚରାଯାଇଥିବା ବେଳେ ସେ ଜିଲା ଟ୍ରାନ୍ସପୋର୍ଟ ମ୍ୟାନେଜରଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ଜିଲା ଟ୍ରାନ୍ସପୋର୍ଟ ମ୍ୟାନେଜର ଗୌରବ ଜେନା କହିଛନ୍ତି, ନିର୍ମାଣ କାର୍ଯ୍ୟ କରୁଥିବା ଏଜେନ୍ସି ଏପର୍ଯ୍ୟନ୍ତ ତାଙ୍କୁ ବସ୍‌ଷ୍ଟାଣ୍ଡ ହସ୍ତାନ୍ତର କରିନାହିଁ। ଏଣୁ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରି ପାରୁନାହାନ୍ତି ବୋଲି ପ୍ରତିକ୍ରିୟାରେ କହିଥିଲେ। ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି।

## ଯୋଡ଼ା ଖଣି ଉପ ନିର୍ଦ୍ଦେଶକଙ୍କୁ ଭେଟିଲା ଟ୍ରକ୍ ମାଲିକ ସଂଘ

ଯୋଡ଼ା,୨୩।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଟ୍ରକ୍ ଦ୍ୱାରା ହେଉଥିବା ଚୋରା ଖଣିଜ କାରବାରକୁ ରୋକିବାକୁ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ନୂତନ ନିୟମ ଜାରି ହୋଇଛି। ଏହାକୁ ତର୍ଜମା କରି ପଦକ୍ଷେପ ନେବାକୁ ଶୁକ୍ରବାର ଟ୍ରକ୍ ମାଲିକମାନେ ଖଣି ଉପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଯୋଡ଼ା ଟ୍ରକ୍ ମାଲିକ ସଂଘ ସଭାପତି ମାତା ପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ ବାରିକ, କୋଷାଧ୍ୟକ୍ଷ ରାଜେଶ ରୋଷନ, ଅଶୋକ କାରୁଆ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ଉପ ସଭାପତି ଅର୍ଜୁନ ମୁଣ୍ଡା, ସମ୍ପାଦକ ରାଜେନ୍ଦ୍ର ବାରିକ, ଗୋବିନ୍ଦ ଖିଲାର, ମନବୋଧ ବେହେରା ଓ ମାଇନିଂ ଏରିଆ ଟ୍ରକ୍ ମାଲିକ ସଂଘର ସହ ସମ୍ପାଦକ ଅଜୟ ସିନା ପ୍ରମୁଖ ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟ୍ରକ୍ ଦ୍ୱାରା ଖଣିଜ ପରିବହନରେ ସ୍ୱଚ୍ଛତା ଆଣିବା ପାଇଁ ବିଭାଗ ପକ୍ଷରୁ ଗାଇଡ୍ ଲାଇନ ଜାରି କରାଯାଇଛି। ସେଥିରେ ଖଣିଜ ପରିବହନ ସମୟରେ ବିଭାଗ ପକ୍ଷରୁ ଦିଆଯାଉଥିବା ଟ୍ରାଞ୍ଜିଟ ପାସକୁ ଟ୍ରକ୍ ମାଲିକମାନେ ଚୋରା କାରବାରରେ ବ୍ୟବହାରରେ ଲଗାଇ ପାରିବେ ନାହିଁ, ଯଦି କୌଣସି ଟ୍ରକ୍ ଏହି ନିୟମ ଉଲ୍ଲଙ୍ଘନ କରନ୍ତି ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ ବୋଲି ବିଜ୍ଞପ୍ତି ଜାରି କରାଯାଇଛି। ତର୍ଜମା କରି ନିୟମ ବିରୋଧରେ କାର୍ଯ୍ୟ କରୁଥିବ ଟ୍ରକ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ପରିବହନ ସମୟରେ ଟ୍ରାଞ୍ଜିଟ ପାସ୍‌ର ଅନ୍ୟ କୌଣସି ସାଧାରଣ ସମସ୍ୟା ଦେଖାଦେଲେ ଜରିମାନାକୁ କୋହଳ କରିବା ପାଇଁ ମାଲିକମାନେ ନିବେଦନ କରିଥିଲେ। ଯୋଡା ଖଣି ଉପ ନିର୍ଦ୍ଦେଶକ ଅଗ୍ରୱାଲ କହିଥିଲେ, ଚୋରା ଖଣିଜ ପରିବହନ କାର୍ଯ୍ୟକୁ ରୋକିବା ଦିଗରେ ଟ୍ରକ୍ ମାଲିକମାନଙ୍କୁ ସଚେତନ କରିବାକୁ ଏହି ନିୟମ ଜାରି କରାଯାଇଛି।

## 'ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ'

ପାଟଣା,୨୩।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକସ୍ତରୀୟ ମିଶନ ଶକ୍ତିର ସମୀକ୍ଷା ବୈଠକ ଶୁକ୍ରବାର ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ପାଟଣା ବ୍ଲକର ୨୦ ପଞ୍ଚାୟତର ୪ଶହରୁ ଉର୍ଦ୍ଧ୍ୱ ବ୍ୟାଙ୍କ ମିତ୍ର, କୃଷି ମିତ୍ର, ସିଆରପି, ପ୍ରାଣୀ ମିତ୍ର, ଏମ୍‌ବିକେମାନେ ଉପସ୍ଥିତ ରହି ଏହି ଯୋଜନାରୁ ବ୍ୟାଙ୍କରୁ ଟଙ୍କା ନେଇ ବିନିଯୋଗ କରି କିଭଳି ସ୍ୱାବଲମ୍ବୀ ହୋଇଛନ୍ତି ସେ ସମ୍ପର୍କରେ ମହିଳାମାନେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବ୍ଲକ୍ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ମହିଳାଙ୍କୁ ଶଶକ୍ତ ଓ ସ୍ୱାବଲମ୍ବୀ କରିବାକୁ ଆମ ସରକାର ପ୍ରତଶ୍ରୁତିବଦ୍ଧ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଉପାଧ୍ୟକ୍ଷା ବୀଣାପାଣି ନାୟକ, ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ଶିଶିର ଷଡ଼ଙ୍ଗୀ, ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ, ଜିଲା ପରିଷଦ ସଦସ୍ୟ ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ପ୍ରଫୁଲ୍ଲ ନାୟକ, ଫେଡ୍‌ରେଶନ ସଭାପତି ଇନ୍ଦୁ ମହାନ୍ତ, ସମ୍ପାଦିକା ଝୁନିରାଣି ମହାନ୍ତ ଏପିଓ ଦୀପକ ବେହେରା, ବ୍ଲକ୍ ସହ ସଂଯୋଜକ ମିଶନ ଶକ୍ତି ରାଜେଶ କିଣ୍ଡୋ, ଜୀବିକା ମିଶନର ବ୍ଲକ୍ ପ୍ରକଳ୍ପ ସଂଯୋଜକ ସସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ୨୧ ଜଣ ମହିଳାଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସହର ସ୍ୱଚ୍ଛତା ତଦାରଖ କଲେ ଏନ୍‌ଏସି ଅଧ୍ୟକ୍ଷ

ଚମ୍ପୁଆ,୨୩।୨(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିକୁ ସ୍ୱଚ୍ଛ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ଚମ୍ପୁଆ ମୁଖ୍ୟ ବଜାର, ବସ୍‌ଷ୍ଟାଣ୍ଡରେ ସ୍ୱଚ୍ଛତା ତଦାରଖ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ପ୍ଲାଷ୍ଟିକ୍ ଗ୍ଲାସ ଓ ପ୍ଲାଷ୍ଟିକ ବଟଲର ବହୁଳ ବ୍ୟବହାର ସହର ସ୍ୱଚ୍ଛତାର ରାସ୍ତା ଅବରୋଧ କରୁଛି। ଏହାର ନିରାକରଣ ପାଇଁ ପଦକ୍ଷେପକୁ କଡ଼ା କଡ଼ି କରାଯିବ ବୋଲି ସେ ସୂଚନା ଦେଇଥିଲେ। ବିଶେଷ ଭାବରେ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ପାନୀୟଜଳ ବ୍ୟବସ୍ଥା ନିକଟରେ ଗୁଡ ଗୁଡ ପ୍ଲାଷ୍ଟିକ ବଟଲ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବାରୁ ସଫେଇ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ସୂଚନାଯୋଗ୍ୟ, ଚମ୍ପୁଆ ଏନ୍‌ଏସିରେ ନିୟମିତ ୨ ଓଳି ସଫେଇ କରାଯାଉଛି। ମାତ୍ର ସଚେତନା ଅଭାବରୁ ଡଷ୍ଟବିନ୍‌ର ବ୍ୟବହାର କମୁଛି। ତେଣେ ଚମ୍ପୁଆ ଏନ୍‌ଏସିର ସାମଗ୍ରୀକ ବିକାଶ ପାଇଁ ଏନ୍‌ଏସିବାସୀଙ୍କ ସହଯୋଗ ଅବଶ୍ୟକ ବୋଲି ଅଧ୍ୟକ୍ଷ ମତ ଦେଇଥିଲେ।

### ଗଣବଳାତ୍କାର ପରେ ଯୁବତୀଙ୍କୁ ହତ୍ୟା ଘଟଣା

## ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡ

କେନ୍ଦୁଝର,୨୩।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଜଜ୍ ଅଶୋକ କୁମାର ପଣ୍ଡା ପଣ୍ଡାପଡ଼ା ଥାନା ବଲାଣିପଶି ଗ୍ରାମର ସୁଶାନ୍ତ କୁମାର ନାଏକ(୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୧ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅନ୍ୟ ୩ ଅଭିଯୁକ୍ତ ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ପୀଡ଼ିତା ଜଣକ ରହୁଥିଲେ। ସେ ଘରେ ଥିବାବେଳେ ରାତିରେ ତାଙ୍କ ପ୍ରେମିକ ସୁଶାନ୍ତ ନାଏକ ଘରୁ ଡାକି ନେଇ ୩ ଜଣ ସାଙ୍ଗଙ୍କ ସହ ମିଶି ଗଣ ବଳାତ୍କାର କରିଥିଲେ। ପରେ ତଣ୍ଟି ଚିପି ହତ୍ୟାକରି ନିକଟସ୍ଥ ଏକ ପରିତ୍ୟକ୍ତ ପୋଖରୀରେ ଫିଙ୍ଗି ଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପଣ୍ଡାପଡ଼ା ଥାନାରେ ଏତଲା ଦେଇଥିଲେ। ତଦନ୍ତକରି ଯୁବତୀଙ୍କ ମୃତଦେହ ପୋଲିସ ପୋଖରୀରୁ ଜବତ କରିଥିଲା। ଏକ ମାମଲା(ନଂ,୧୦୩/୨୦୨୧) ରୁଜୁକରି ୪ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ବିଚାରପତି ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏବଂ ଡିଏନ୍‌ଏ ରିପୋର୍ଟ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାରକରି ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ପ୍ରଦୀପ କୁମାର ଦାସ ମକଦ୍ଦମା ପରିଚାଳନା କରୁଥିଲେ।

## ଆନନ୍ଦପୁର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପିତ



ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଘସିପୁରା(ନିରଞ୍ଜନ ସାହୁ)/ଆନନ୍ଦପୁର (ଉମେଶ ଚନ୍ଦ୍ର ପାଢ଼ୀ),୨୩। ୨

କେନ୍ଦୁଝର ଜିଲା ଆନନ୍ଦପୁର ବହୁମୁଖୀ ଷ୍ଟାଡିୟମ୍ ପରିସରରେ ନିର୍ମାଣ ଶେଷ ହୋଇ ରହିଥିବା ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଶୁକ୍ରବାର ଅପରାହ୍ନରେ ଲୋକାର୍ପିତ ହୋଇଛି। ୭ ନଂ. ୱାର୍ଡ଼ରେ ନିର୍ମାଣ ହୋଇଥିବା ଏହି ବହୁମୁଖୀ ଇନ୍‌ଡୋର ଷ୍ଟାଡିୟକୁ ଭର୍ଚ୍ଚୁଆଲ୍ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ୭ ନଂ. ୱାର୍ଡ଼ କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, କାଉନ୍‌ସିଲର ସୁରେନ୍ଦ୍ର ଦାସ, ମଣିଲତା ରାମ, ସୁପ୍ରିୟା ମିଶ୍ର, ରଶ୍ମିତା ବାରି, ଉର୍ବସୀ ସାହୁ, ସନତ କରଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀ ଏବଂ ଜିଲା କ୍ରୀଡ଼ା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସ୍ଥାନୀୟ ଅଞ୍ଚଳର ବହୁ କ୍ରୀଡ଼ାବିତ୍, ଏସ୍‌ଏଚଜି ମହିଳା, ବୁଦ୍ଧିଜୀବୀଙ୍କ ସହିତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଲୋକାର୍ପିତ ହେବା ପରେ ବିଭିନ୍ନ କ୍ରୀଡ଼ା କସରତ ପାଇଁ ଯୁବ ଗୋଷ୍ଠୀ ଏହାକୁ ବ୍ୟବହାର କରିପାରିବାର ଆଶା ସଂଚାର ହୋଇଛି।

